

ଏତେ ବ୍ୟତିବ୍ୟସ୍ତତା ଭିତରେ ସେ ଉଠେ, ତରତରରେ ନିତ୍ୟକର୍ମ ସାରିଦେଇ ଠାକୁରଘରର ଦୁଆରଟାକୁ ଜୋର୍‌ରେ ଠେଲିଦେଇ ଏମିତି ପଶିଯାଏ, ଯେମିତି ସେ ଯାଞ୍ଚ ଓ ତଦନ୍ତରେ ଆସିଥିବା ଜଣେ ଅଧିକାରୀ। ଆଗ ସେ କୁଳଦେବତା ରଘୁନାଥଙ୍କ କାନ୍ଧରୁ ଓଟାରିଆଣେ ଲୁଗା। ତା'ପରେ ଖୁବ୍ ଜୋର୍‌ରେ ରୋକ୍‌ଠୋକ୍ ମନ୍ତ୍ର ସବୁ ଉଚ୍ଚାରଣ କରି ଜଣଜଣ କରି ଠାକୁରଙ୍କୁ ବିବସ୍ତ୍ର କରାଏ। ତା'ପରେ ସାମ୍ନାରୁ, ଠାକୁରଙ୍କ ଫଟୋ ପଛ ପାଖରେ ଓ କଳସରେ ଥିବା ସବୁ ଶୁଖିଲା ଫୁଲପତ୍ରକୁ ଏକାଠି କରି ଛୋଟ ପାଛିଆଟାରେ ପୂରାଇଦିଏ। ସେତେବେଳେ ମା' ଡାକ ଛାଡ଼ିଥାଏ ପ୍ରସାଦ ସେବା ସମୟରେ ମୋତେ ଡାକ ପକେଇବୁ ମୁଁ ଅନ୍ନ ଆଉ ବେସର ବଢ଼ା ନେଇଯିବି ଠାକୁରଘର ପାଖକୁ। ସେତେବେଳେ ମା'କୁ ଅଣଶୁଣା କରିବା ଆଳରେ ଖୁବ୍ ଜୋର୍ ଜୋର୍ ମନ୍ତ୍ର ପଢ଼େ। ଅନେକ ଜାଗାରେ ଉଚ୍ଚାରଣ ଓ ଶବ୍ଦାର୍ଥ ତା'ର ଅଲଗା ହେଇଯାଏ। ସେ କିନ୍ତୁ ସେମିତି ଗାଳିଦେଲା ଭଳି ଉତ୍ତ୍ୟକ୍ତ ସ୍ୱରରେ ମନ୍ତ୍ର ପଢ଼ି ପଢ଼ି ପିତ୍ତଳ ପରାତରେ ସବୁ ଠାକୁରଙ୍କୁ ଓ ଶାଳଗ୍ରାମଙ୍କୁ ଏକାଠି ବସାଇ ଜଳ ଓ ତା'ପରେ କଞ୍ଚାକ୍ଷୀର ଢାଳି ସ୍ନାନ କରେଇଦିଏ। ତା'ପରେ ସେମାନଙ୍କୁ ପାଟବସ୍ତ୍ରରେ ଗୁଡ଼େଇଗାଡ଼େଇ ବସେଇଦିଏ। ମା' ସେପରି ଜୋର୍‌ରେ କହୁଥାଏ। ଆରେ ପ୍ରଭୁ! ଠାକୁରଙ୍କୁ ଜଣ ଜଣ କରି ଗାଧେଇଦେବୁ। ତା'ପରେ ଭଲକି ପୋଛାପୋଛି କରିବୁ। ଆରେ ଥଣ୍ଡା ଧରି ପକେଇବରେ ମୋ ରଘୁନାଥଙ୍କୁ। ସେ କାଳିଆ ଧୋବଲା ଭାଇ ଦୁଇଜଣ ବେଳକାଳେ ସ୍ୱପ୍ନରେ ଆସି ମୋତେ ଧମକାଉଛନ୍ତିରେ କାଇଁ ଆମକୁ ଅବହେଳା କରୁଛୁ!

ପ୍ରଭୁ ସେତେବେଳେ ଜୋର୍‌ରେ ରାଗିଯାଏ। ଠାକୁରଘର ଦୁଆର ପାଖରେ ଛିଡ଼ା ହୋଇ କହିଦିଏ "କରୁନୁ ଆସିକି ନିଜେ! ମୋତେ କାହିଁକି ଠେଲୁଛୁ! ତୁ ଜାଣିନୁ କି ମୋର ଏତେ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷା ଚାଲିଛି। ରାତି ତିନିଟାରେ ଶୋଇଛି ମୁଁ। ହୁଁ।" ଆଉ ପୁଣି ଦୁଲ୍‌ଦାଲ୍ କରି ପିତ୍ତଳ ବାଲ୍‌ଟିରେ ପାଣି ଆଣି ଠାକୁରଙ୍କ ଆଗରେ ଥୁଏ। ଚନ୍ଦନ ପେଡ଼ି ଉପରେ ଦି' ଚାରିଥର କାଠି ଘୋରିଦେଇ ଦୂବରେ ଚନ୍ଦନ ବୋଳି ସବୁ ଠାକୁରଙ୍କ ଫଟୋରେ ଏମିତି ବୁଲେଇଆଣେ ଯେ କାହା ଆଖିରେ ତ କାହା କାନରେ ଗୁଞ୍ଜିହୋଇଯାଏ ଚନ୍ଦନ। ସିନ୍ଦୂର ବୋଳାରେ ବି ଠାକୁରଙ୍କର ସମଦଶା। ଫୁଲ ପାଛିଆ ଆଣି କଚାଡ଼ି ଦେଲାଭଳି ରଖେ। ହୁଁ, ଫୁଲ ଏତେ ତୋଳିଥିବ ଯେ ଯେମିତି ଏମାନଙ୍କୁ ପୋତିପକେଇବ! କେତେବେଳେ ଏତେ ଫୁଲରେ ସଜେଇବି ଏମାନଙ୍କୁ। ମୁଠାମୁଠା ଫୁଲ ଠାକୁରଙ୍କ ଉପରକୁ ସେ ଫୋପାଡ଼ିଦିଏ।